ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ରାଜ୍ୟରେ ଜନସାଧାରଣଙ୍କ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି : ଯୋଗାଣ ମନ୍ତ୍ରୀ ଶ୍ରୀ ସ୍ୱାଇଁ

### ସ୍କାଇପ୍ ମାଧ୍ୟମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଆଲୋଚନା

### ଭାଗନେଲେ ପଞ୍ଚାୟତିରାଜ ପ୍ରତିନିଧି, ସାମାଜିକ ସଂଗଠନ, ଗଣମାଧ୍ୟମ ଏବଂ ସାଧାରଣ ଲୋକ

**ଭୁବନେଶ୍ୱର : ୩୦ ଅପ୍ରେଲ,୨୦୨୦**

କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ସାରା ରାଜ୍ୟରେ ଲକ୍ ଡାଉନ୍ ବଳବତ୍ତର ଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଘୋଷଣା ଅନୁଯାୟୀ ରାଜ୍ୟର ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି । ରାଜ୍ୟରେ ଯେପରି କେହି ଜଣେ ହେଲେ ଗରିବ ଲୋକ ଖାଦ୍ୟ ନିରାପତ୍ତାରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଆଜି ପୂର୍ବାହ୍ନରେ ସ୍କାଇପ୍ ମାଧ୍ୟମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ୧୨ଟି ଜିଲ୍ଲାର ପଞ୍ଚାୟତିରାଜ ପ୍ରତିନିଧି, ସାମାଜିକ ସଂଗଠନ ଏବଂ ଗଣମାଧ୍ୟମର ପ୍ରତିନିଧି ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସାଧାରଣ ଜନତାଙ୍କ ସହ ଖାଦ୍ୟ ସାମଗ୍ରୀର ଯୋଗାଣକୁ ନେଇ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏଥି ସହିତ ସେମାନଙ୍କ ମତାମତ ମଧ ସଂଗ୍ରହ କରିଥିଲେ । ରାସନ କାର୍ଡଧାରୀମାନେ ୩ ମାସର ଅଗ୍ରିମ ପିଡିଏସ୍ ସାମଗ୍ରୀ ଏକକାଳୀନ ପାଇବା ଓ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ସମସ୍ତ ରାସନ୍ କାର୍ଡଧାରୀଙ୍କୁ ନଗଦ ରିଲିଫ ଆକାରରେ ଏକ ହଜାର ଟଙ୍କା ପ୍ରଦାନ ଯୋଗୁଁ ସେମାନେ ସନ୍ତୋଷ ବ୍ୟକ୍ତ କରିଥିବା କଥା ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଆଲୋଚନା ଫଳପ୍ରଦ ହୋଇଥିବାବେଳେ ଲୋକମାନେ ଦେଇଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୟୂରଭଞ୍ଜ, ନୟାଗଡ଼, ମାଲକାନଗିରି, କଳାହାଣ୍ଡି, ଗଜପତି, ସମ୍ବଲପୁର, ଦେବଗଡ଼, କୋରାପୁଟ, କନ୍ଧମାଳ, କେନ୍ଦୁଝର, ସୁନ୍ଦରଗଡ଼ ଓ ନୂଆପଡ଼ା ଜିଲ୍ଲାର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । କୋଭିଡ-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସାମାଜିକ ଦୂରତ୍ୱ ଏବଂ ମାସ୍କ ବ୍ୟବହାରକୁ କଡ଼ାକଡ଼ି ଭାବରେ ପାଳନ କରି ରାଜ୍ୟ ସରକାରଙ୍କୁ ପୂର୍ଣ୍ଣ ସହଯୋଗ ଯୋଗାଇଦେବା ପାଇଁ ଆହ୍ୱାନ ଦେଇଥିଲେ । ଜନସାଧାରଣଙ୍କ ସହଯୋଗରେ ରାଜ୍ୟରେ କୋଭିଡ-୧୯ ସଂକ୍ରମଣକୁ ସଫଳତାର ସହ ପ୍ରତିହତ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

ତାପସ କୁମାର ସାହା
ସୂଚନା ଅଧିକାରୀ